**News ID-IPR/COVID-19(OD)/ 301/29-8-2020**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୯ ଅଗଷ୍ଟ ,୨୦୨୦

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ଜାତୀୟ କ୍ରୀଡ଼ା ଦିବସ' ଅବସରରେ ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ହକିର ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ବଶୀଭୂତ କରିବା ସହିତ ଦେଶ ନିମନ୍ତେ ଅନେକ ଗୌରବ ଆଣିଦେଇଥିଲେ । ତାଙ୍କର ସ୍ୱର୍ଣ୍ଣିମ ଐତିହ୍ୟ ସମଗ୍ର ପୃଥିବୀର କ୍ରୀଡ଼ାବିତ୍‌ମାନଙ୍କୁ ଅନୁପ୍ରାଣିତ କରିଆସୁଛି ବୋଲି ମାନ୍ୟବର ମୁଖମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଜି 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଓ 'ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର' ପ୍ରଦାନ କରିଛନ୍ତି । ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ାକେନ୍ଦ୍ର ଭାବରେ ଗଢ଼ିତୋଳିବା ନିମନ୍ତେ ରାଜ୍ୟର ଉଦ୍ୟମ ଉପରେ ଆଲୋକପାତ କରିଥିଲେ ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଲେ ଯେ କୋଭିଡ୍ ମହାମାରୀ ହେତୁ ସମଗ୍ର ବିଶ୍ୱ ଏକ ସଂକଟ ଦେଇ ଗତି କରୁଛି । ଏହି ମହାମାରୀରେ କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱ ବୃଦ୍ଧି ପାଇଛି । ରାଜ୍ୟବାସୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଆମେ କ୍ରୀଡ଼ାକୁ ଅଧିକ ପ୍ରୋତ୍ସାହନ ଦେବାକୁ ଇଚ୍ଛାକରୁ । ପଦକ ବ୍ୟତିରେକ କ୍ରୀଡ଼ା ତଥା ସୁସ୍ଥତା ଅଭ୍ୟାସ ଆମ ଜୀବନଧାରାର ଅଙ୍ଗ ହେବା ଉଚିତ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ସାରା ଜୀବନରେ କ୍ରୀଡ଼ା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଆସିଥିବା ମହାନ କ୍ରୀଡ଼ାବିତ୍ ଭାବେ ସ୍ମରଣ କରିଥିଲେ ଏବଂ କହିଥିଲେ ଯେ କ୍ରୀଡ଼ା ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରରେ ପ୍ରଶିକ୍ଷଣର ବିକାଶ ଉପରେ ଆମେ ଧ୍ୟାନ ଦେଇଛୁ । ୨୦୨୩ରେ ଆମେ ହକି ବିଶ୍ୱକପର ଅନ୍ୟ ଏକ ସଂସ୍କରଣ ଆୟୋଜନ କରିବାକୁ ଯାଉଛୁ ।

'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'

- ମାନ୍ୟବର ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲାର ବରି ଅଗ୍ନିଶମ ଷ୍ଟେସନ୍‌ର ଓଡ଼ିଶା ଅଗ୍ନିଶମ ସେବା, ଗୃହରକ୍ଷୀ ବାହିନୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର କର୍ମଚାରୀମାନେ ଏକ ନବଜାତ ଶିଶୁ ସମେତ ଜଳବନ୍ଦୀ ଥିବା ପରିବାରଗୁଡ଼ିକୁ ତ୍ୱରିତ ପଦକ୍ଷେପ ନେଇ ଉଦ୍ଧାର କରିଥିବାରୁ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଏହି ସଫଳ ଉଦ୍ୟମ ଯୋଗୁଁ ବରି ବ୍ଲକ୍‌ର ଶଙ୍କରକୁଳଠାରେ ବନ୍ୟାରେ ଅଟକି ରହିଥିବା ୬ ଜଣ ବ୍ୟକ୍ତି ଉଦ୍ଧାର ପାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା, କଟକ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ବନ୍ୟା ପରିଚାଳନା କାର୍ଯ୍ୟ ତଦାରଖ କରିବା ପାଇଁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

- ସେପ୍ଟେମ୍ବର ପହିଲାରୁ ୬ ତାରିଖ ପର୍ଯ୍ୟନ୍ତ ଜେଇଇ ମେନ୍ ଓ ସେପ୍ଟେମ୍ବର ୧୩ ତାରିଖରେ ନିଟ୍ ପରୀକ୍ଷାକୁ ଦୃଷ୍ଟିରେ ରଖି ପରୀକ୍ଷାଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ପରୀକ୍ଷାର୍ଥୀ ଓ ସେମାନଙ୍କ ସହଯୋଗୀ, ପରୀକ୍ଷା ସଂପୃକ୍ତ ଅଧିକାରୀ ଓ କର୍ମଚାରୀ, ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ପ୍ରତିନିଧିମାନଙ୍କ ଗମନାଗମନକୁ ସୁନିଶ୍ଚିତ କରିବା ପାଇଁ ଆସନ୍ତା ୩୦ ଅଗଷ୍ଟରୁ ୭ ସେପ୍ଟେମ୍ବର ଓ ୧୨ ରୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା ଓ ସମ୍ବଲପୁର ସହରରେ ଲକ୍ ଡାଉନ୍ କିମ୍ବା ସଟ୍ ଡାଉନ୍‌କୁ ଉଠାଇ ଦିଆଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନର ଏ ବାବଦରେ ଆଦେଶନାମା ଜାରି କରିଛନ୍ତି ।

- ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଆଜି ଏକ ମିଳିତ ସମୀକ୍ଷା ବୈଠକରେ ରାଜ୍ୟର ବନ୍ୟା ପରିସ୍ଥିତି ଓ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସଂପର୍କରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

- ମାନ୍ୟବର ମନ୍ତ୍ରୀ, ଜଳସଂପଦ, ସୂଚନା ଓ ଲୋକସଂପର୍କ ଆଜି ଜଗତସିଂହପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଥିଲେ ଓ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ବିଧାୟକ, ପାରାଦୀପ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ଓଡ଼ିଶାକୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ଶେଷ କରିଥିବା ପ୍ରବାସୀମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏ ବାବଦରେ ୧୨୯ କୋଟି ୩୪ ଲକ୍ଷ ୭୯ ହଜାର ଟଙ୍କା ପ୍ରଦାନ କରାଯାଇ ସାରିଛି । ଏହି ସମସ୍ତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯାଉଛି ।

- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଅଗଷ୍ଟ ୨୮ରୁ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୬ ଟି ମାମଲା ଦାୟର କରାଯାଇଛି । ଏଥି ମଧ୍ୟରୁ ୫ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୧ଟି ମାମଲା ଅନ୍ୟା କାରଣ ପାଇଁ ଅଟେ । ୧୪ ଜଣଙ୍କୁ ବିଭିନ୍ନ ଅଭିଯୋଗରେ ଗିରଫ କରାଯାଇଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ  ୧୬,୭୦,୯୧୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୯୭,୯୨୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୬୭,୮୨୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୪୭୦  ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨୯,୫୭୧ ରହିଛି ।
- ୨୯,୫୭୧ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'